ଶନିବାର, ୮ ନଭେମ୍ବର, ୨୦୨୫

# ପିଲାଙ୍କ ଧରିତ୍ରୀ



୬ କହିଲ ଦେଖ୍



୩ ଶିଶୁ ପ୍ରତିଭା



୭ ଜଣା ଅଜଣା



୩

# ଖିଲି ଖିଲି ହସ

ରୋଗୀ: ଡାକ୍ତରବାବୁ, ମୁଁ ଯେତେବେଳେ ଶିଡ଼ି ଚଢ଼ୁଛି ତେବେ ପ୍ରତିଦିନ ମୋର ନିଃଶ୍ୱାସ ଜୋରରେ ଯାଉଥିବା ପରି ମୋତେ ଲାଗୁଛି।
ଡାକ୍ତର: ମୁଁ କିଛି ଔଷଧ ଦେଉଛି, ଯାହାକୁ ପ୍ରତିଦିନ ଖାଇବ ଏବଂ ବ୍ୟାୟାମ କରିବ ।
ରୋଗୀ: ଡାକ୍ତରବାବୁ, ମୁଁ ପ୍ରତିଦିନ ଫୁଟବଲ୍ ଏବଂ କ୍ରିକେଟ୍ ଖେଳୁଛି।
ଡାକ୍ତର: କେତେବେଳେ ଏବଂ କେତେ ସମୟ ଖେଳୁଛ ?
ରୋଗୀ: ସକାଳେ ଏବଂ ସନ୍ଧ୍ୟା ଦୁଇଥର ସେତେବେଳ ପର୍ଯ୍ୟନ୍ତ ଖେଳୁଛି ଯେ ପର୍ଯ୍ୟନ୍ତ ମୋବାଇଲ୍‌ର ବ୍ୟାଟେରି ଚାର୍ଜ ରହୁଛି।

ରାଜୁ ଘରକୁ ପୋଲିସ ଆସି କବାଟ ଠକ୍ ଠକ୍ କରି କହିଲେ କବାଟ ଖୋଲ।
ରାଜୁ: କିଏ ?
ପୋଲିସ: ଆମେ ପୋଲିସ।
ରାଜୁ: କାହିଁକି ଆସିଛ ।
ପୋଲିସ: କଥା ଅଛି
ରାଜୁ: କେତେଜଣ ଆସିଛ ?
ପୋଲିସ: ଆମେ ଦୁଇଜଣ
ରାଜୁ: ତେବେ ମୋ ସାଙ୍ଗରେ କଥା ହେବା କ'ଣ ଦରକାର, ଦୁଇଜଣ ମିଶି କଥା ହୋଇଯାଅ, ମୁଁ ଏବେ ବ୍ୟସ୍ତ ଅଛି।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ଘୋଡ଼ା ପଳାଇଲା ତା' ବାଟରେ



**ଗପ**

ପିଲାମାନେ ସ୍କୁଲରୁ ଫେରୁଥାଆନ୍ତି । ସେତିକିବେଳେ ଘୋଡ଼ା ଦୌଡ଼ିଦୌଡ଼ି ଆସି ସେମାନଙ୍କ ପାଖରେ ଠିଆ ହେଲା ଓ କହିଲା, 'ପିଲାମାନେ ତୁମେମାନେ ମୋ ପିଠିରେ ବସ ମୁଁ ତୁମକୁ ନେଇ ଘରେ ଛାଡିଦେବି। ପିଲାମାନଙ୍କ ଭିତରୁ କନକ ସଙ୍ଗେ ସଙ୍ଗେ କହିଲା, 'ଆମ ଜେଜେ କହିଛନ୍ତି ଅପରିଚିତ ବ୍ୟକ୍ତିଠାରୁ କିଛି ଜିନିଷ କିମ୍ବା ସାହାଯ୍ୟ ଗ୍ରହଣ କରିବା ଉଚିତ ନୁହେଁ । ଘୋଡ଼ା କିନ୍ତୁ କହିଲା, 'ମୁଁ ତୁମମାନଙ୍କଠାରୁ ମୋର କୌଣସି ସ୍ୱାର୍ଥ ଆଶା ରଖିନାହିଁ କି ମୋର କୌଣସି ମନ୍ଦ ଉଦ୍ଦେଶ୍ୟ ନାହିଁ। ଜିନିଷ ବୋହିବା ମୋର ଅଭ୍ୟାସ। ସେଥିପାଇଁ ତୁମମାନଙ୍କୁ ନେଇଯିବାକୁ ଚାହୁଁଛି। ତା' କଥା ଶୁଣି ସମସ୍ତେ ହସିଲେ। ଗୋଟିଏ ଦୁଷ୍ଟପିଲା କହିଲା, 'ତୋର ଅଭ୍ୟାସ ରହିଲେ କେତେ ନ ରହିଲେ କେତେ? ଆମେ ତୋ ପିଠିରେ ଯିବୁନି।'

ଘୋଡ଼ାକୁ ପିଲାଙ୍କର ଏଭଳି ଟାହିଟାପରା କଥା ଭାରି ବାଧିଲା । ସେହିଦିନଠାରୁ ସେ କେବେ ବି ପିଲାଙ୍କ ପାଖ ମାଡ଼ିଲା ନାହିଁ। ଦୂରରେ ଠିଆ ହୋଇ ରହେ। ରିତେଶ ଜାଣିଲା ଘୋଡ଼ାଟି ମନଦୁଃଖ କରିଛି। ଦିନେ ସେ ତା' ପାଖକୁ ଗଲା । ଘୋଡ଼ାଟି ଭାବିଲା- ତା' ପିଠିରେ ବସିବାକୁ ଆସୁଛି। ସେ ତେଣୁ ପ୍ରସ୍ତୁତ ହୋଇରହିଲା ତାକୁ ପିଠିରେ ବସାଇବା ପାଇଁ । କିନ୍ତୁ ରିତେଶ ତା' ପିଠିରେ ନ ବସି କହିଲା, 'ତୁମେ ମନଦୁଃଖ କରୁଛ କି? କିନ୍ତୁ ଆମ କଥା ଟିକେ ଭାବ। ଆମେମାନେ ଯଦି ଏବେଠାରୁ ନିଜ ଗୋଡ଼ରେ ଠିଆ ହେବାକୁ ଚେଷ୍ଟା ନ କରୁ ତେବେ ଭବିଷ୍ୟତ ଆମର ଦୁଃଖପୂର୍ଣ୍ଣ ହୋଇଯିବ। ନିଜ ପାଇଁ ପରିଶ୍ରମ ବି କରିବା ଦରକାର ଏକଥା ଆମେ ଶିଖିବା ଆବଶ୍ୟକ। ଆଉ ପିଲାବେଳରୁ ଯଦି ଅଳସୁଆ ହୋଇଯିବୁ ତା'ହେଲେ ଭବିଷ୍ୟତରେ ବହୁ ସମସ୍ୟା ଦେଖାଦେବ। ତା' କଥା ଶୁଣି ଘୋଡ଼ାଟି ହସିଲା ଓ କହିଲା, 'ପ୍ରକୃତରେ ତୁମମାନଙ୍କଠାରୁ ମୁଁ ଏଇ କଥା ହିଁ ଶୁଣିବାକୁ ଚାହୁଁଥିଲି। ଏହା କହି ଘୋଡ଼ାଟି ତା' ବାଟରେ ପଳାଇଲା। – **ରମେଶ ଚନ୍ଦ୍ର ଦାଶ**

ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ
ମୋ: ୯୭୭୬୨୩୮୫୨୨



# ବାଉଁଆ

ସାଧାରଣତଃ ଆମେ ସମସ୍ତେ ଡାହାଣ ହାତରେ ହିଁ ସବୁ କାମ କରିପାରୁ। ହେଲେ କେତେଜଣ ଏପରି ଥାନ୍ତି ଯେ ସେମାନେ ବାମହାତରେ ସେମାନଙ୍କର ସବୁ କାମ କରନ୍ତି। ତେବେ ପିଲାମାନେ କେବେ ଭାବିଛ ଯେ ମଣିଷଙ୍କ ଭଳି ଏଭଳି ଅଭ୍ୟାସ ପଶୁଙ୍କ କ୍ଷେତ୍ରରେ ଦେଖାଯାଏ କି? ପ୍ରକୃତରେ ପଶୁଙ୍କ କ୍ଷେତ୍ରରେ ମଧ୍ୟ ଏଭଳି ବିଶେଷତା ଦେଖିବାକୁ ମିଳିଥାଏ। ବିଶେଷକରି ସିମ୍ପାଞ୍ଜି, କୁକୁର, ବିଲେଇ, ଶୁଆ ଓ କଙ୍ଗାରୁଙ୍କ କ୍ଷେତ୍ରରେ ଏଭଳି ବିଶେଷତା ଦେଖାଯାଇଥାଏ। ଏମାନଙ୍କ ମଧ୍ୟରୁ କେତେକ ସେମାନଙ୍କ ବାମ ଗୋଡ଼, ପଞ୍ଝା କିମ୍ବା ନଖର ଅଧିକ ବ୍ୟବହାର କରିଥାନ୍ତି। ନ୍ୟାଶନାଲ ଜିଓଗ୍ରାଫିକ ପକ୍ଷରୁ ହୋଇଥିବା ଏକ ରିସର୍ଚ୍ଚରୁ ଜଣାପଡିଛି କି ସିମ୍ପାଞ୍ଜିମାନେ ଖାଇବା କିମ୍ବା ଜିନିଷ ନେବା ଆଣିବାରେ ଏଭଳି ସ୍ୱତନ୍ତ୍ରଭାବେ ବାମହାତର ବ୍ୟବହାର କରିଥାନ୍ତି। ପକ୍ଷୀମାନଙ୍କ କ୍ଷେତ୍ରରେ ମଧ୍ୟ ଏଭଳି ଲକ୍ଷଣ ଦେଖାଯାଏ। ବିଶେଷକରି ଶୁଆଙ୍କ କ୍ଷେତ୍ରରେ ଏହା ଦେଖାଯାଏ। ଏମାନେ ପ୍ରାୟ ଖାଇବା ପାଇଁ ଗୋଟିଏ ପାଦର ଅଧିକ ବ୍ୟବହାର କରିଥାନ୍ତି। ୨୦୧୧ ମସିହାରେ କୁଇନ୍ସଲାଣ୍ଡ ବିଶ୍ୱବିଦ୍ୟାଳୟର ଏକ ରିସର୍ଚ୍ଚ ଅନୁସାରେ ୭୦ ପ୍ରତିଶତ ଶୁଆ ବାମ ପାଦକୁ ଅଧିକ ବ୍ୟବହାର କରିଥାନ୍ତି।

# ମତାମତ

➲ ଏଥର 'ତୁମ ତୂଳୀ' ସ୍ତମ୍ଭରେ ପ୍ରକାଶିତ ଚିତ୍ରଗୁଡିକ ବହୁତ ସୁନ୍ଦର ହୋଇଥିଲା।

**–ଆଲେଖିକା ମହାନ୍ତି, ବାଲିକୁଦା, ଜଗତ୍‌ସିଂହପୁର**

➲ ଜଣା ଅଜଣା ପୃଷ୍ଠାରେ 'ଅଜବ ଚିଡିଆଖାନା' ଏବଂ କେଉଁ ସିଟି କେଉଁ ନାମରେ ପରିଚିତ ତା' ବିଷୟରେ ଜାଣିପାରିଲି। ଆଗକୁ ଏହିପରି କିଛି ଶିକ୍ଷଣୀୟ ବିଷୟବସ୍ତୁ ଦେବାକୁ ଅନୁରୋଧ।

**–ସୋନାଲି ରାୟ, ଯାଜପୁର**

➲ କାର୍ତ୍ତିକ ପୂନେଇଁ କବିତାଗୁଡ଼ିକ ମନଛୁଆଁ ହୋଇଥିଲା।


**–ଶୁଭଶ୍ରୀ କର, କଟକ**

➲ 'ଆଇନା' ସ୍ତମ୍ଭରେ ପ୍ରକାଶ ପାଉଥିବା ଫଟୋଗୁଡିକ ବେଶ୍ ଆକର୍ଷଣୀୟ ହେଉଛି।

**–ପୂଜାରାଣୀ ନାୟକ, ଅନୁଗୋଳ**

## ତୁମ ପଢ଼ିବା ପାଇଁ

**ଝୁମୁକା:** ଶିଶୁ କିଶୋର ପତ୍ରିକା ତ୍ରୈମାସିକ 'ଝୁମୁକା'ର ଏଥର ଶାରଦୀୟ ବିଶେଷାଙ୍କ(ଅକ୍ଟୋବର-ଡିସେମ୍ବର)ରେ ରହିଛି ଅଳସୁଆ ନାଗସାପ, ମୋ ଗାଁ ପିଲାଦିନ, ବିପଦ ଟଳିଗଲା, କୃପଣ କକା, ପରୋପକାରୀ ବୀରବଲ, ବାବାଜି ବାପାଙ୍କ ଦାଢ଼ି, ନାଇଁରେ ନାଇଁ, ଚକ୍ ଆଉ ଡକ୍ଟର, ଝିଲ୍‌ମିଲ୍ ତାରା ପରି ରହିଛି କେତୋଟି ଗଳ୍ପ ଓ କବିତା। ମାନସ ରଞ୍ଜନ ସାମଲଙ୍କ ସମ୍ପାଦିତ ଏହି ପତ୍ରିକାର ମୂଲ୍ୟ ୫୦ଟଙ୍କା। ଯୋଗାଯୋଗ- ୧୪୪-ଗଭର୍ନମେଣ୍ଟ, ଆଇ/ଟି, ଚାରବାଟିଆ,କଟକ।



# ଇଣ୍ଟରନେଟ୍ ସେଫ୍ଟି

ପିଲାମାନେ ଏବେ ଡିଜିଟାଲମୁହାଁ। ଅନଲାଇନ୍ କ୍ଲାସ ହେଉ କି ମନୋରଞ୍ଜନ ପାଇଁ ସେମାନେ ବ୍ୟବହାର କରୁଛନ୍ତି ଇଣ୍ଟରନେଟ୍। ସୋସିଆଲ ମିଡିଆ, ୟୁଟ୍ୟୁବ ଆଦି ବିଭିନ୍ନ କ୍ଷେତ୍ରରେ ସେମାନେ ବେଶ୍ ସକ୍ରିୟ। ହେଲେ ଏସବୁ ଭିତରେ ଇଣ୍ଟରନେଟ୍ ସେଫ୍ଟିର ବିଭିନ୍ନ ଦିଗକୁ ଜାଣି ରଖିବା ଦରକାର...



ବର୍ତ୍ତମାନର ଡିଜିଟାଲ ଯୁଗରେ ପିଲାମାନେ ଇଣ୍ଟରନେଟ୍‌ର ବହୁଳ ବ୍ୟବହାର କରୁଛନ୍ତି। କେତେବେଳେ ପାଠ ପଢ଼ା ପାଇଁ ତ ଆଉ କେତେବେଳେ ମନୋରଞ୍ଜନ ପାଇଁ ଇଣ୍ଟରନେଟ୍ ଉପରେ ନିର୍ଭର କରୁଛନ୍ତି। ଅନଲାଇନ୍ କ୍ଲାସ, ସୋସିଆଲ ମିଡିଆ, ୟୁଟ୍ୟୁବ୍ ଆଦି ବିଭିନ୍ନ ପ୍ଲାଟଫର୍ମ ପ୍ରତି ଆକର୍ଷିତ ହେଉଛନ୍ତି। ଗେମ୍ସ, ସିନେମା, କାର୍ଟୁନ ଦେଖିବା ସହିତ ହୋମୱାର୍କ କିମ୍ବା ବିଭିନ୍ନ ପ୍ରକାରର ପ୍ରୋଜେକ୍ଟ ତିଆରି ପାଇଁ ମଧ୍ୟ ଇଣ୍ଟରନେଟ୍ ବ୍ୟବହାର କରୁଛନ୍ତି। କିନ୍ତୁ ଠିକ୍ ଢଙ୍ଗରେ ଇଣ୍ଟରନେଟ୍‌ର ବ୍ୟବହାର ଜାଣି ନ ଥିଲେ ତାହା ବହୁ ସମସ୍ୟାକୁ ନିମନ୍ତ୍ରଣ କରିଥାଏ। ତେଣୁ ପିଲାମାନେ ଇଣ୍ଟରନେଟ୍ ସେଫ୍ଟି ନିମନ୍ତେ କେଉଁ ସବୁ ଦିଗକୁ ନେଇ ସଚେତନ ହେବା ଜରୁରୀ ଜାଣି ରଖନ୍ତୁ।

**ବ୍ୟକ୍ତିଗତ ସୂଚନା:** ଇଣ୍ଟରନେଟ୍‌ରେ ପିଲାମାନେ ନିଜ ସମ୍ପର୍କରେ କୌଣସି ବ୍ୟକ୍ତିଗତ ସୂଚନା ଦିଅନ୍ତୁ ନାହିଁ। ନିଜ ନାଁ, ଫୋନ୍ ନମ୍ବର, ସ୍କୁଲ ନାଁ କିମ୍ବା ଠିକଣା ଆଦି ବ୍ୟକ୍ତିଗତ ତଥ୍ୟ କୌଣସି ସ୍ଥାନରେ ଉଲ୍ଲେଖ କରନ୍ତୁ ନାହିଁ। ସାଇବର ଅପରାଧୀମାନେ ପିଲାମାନଙ୍କର ସରଳତାର ସୁଯୋଗ ନେଇ ବିଭିନ୍ନ ପ୍ରକାରର ଠକାମି କରିବାକୁ ଚେଷ୍ଟା କରିଥାନ୍ତି। ତେଣୁ କେବଳ ପରିବାର ଲୋକଙ୍କ ଜାଣତରେ ଯେଉଁମାନଙ୍କ ଉପରେ ଭରସା ଥିବ ସେମାନଙ୍କ ସହିତ କଥାବାର୍ତ୍ତା କରି ଏସବୁ ତଥ୍ୟ ନେଇ ସୂଚନା ଦିଅନ୍ତୁ।

**ଅଭିଭାବକଙ୍କ ପରାମର୍ଶ :** ଜଣେ ବୁଦ୍ଧିମାନ ଡିଜିଟାଲ ବ୍ୟବହାରକାରୀ ହେବା ପାଇଁ ପ୍ରଥମେ ନିଜ ଗୁରୁଜନଙ୍କ ସହ ସବୁ ବିଷୟରେ କଥା ହୁଅନ୍ତୁ। ସୋସିଆଲ୍ ମିଡିଆରେ କାହା ସହିତ କିଭଳି ସମ୍ପର୍କ ରଖୁଛନ୍ତି ସେନେଇ ମାତାପିତାଙ୍କୁ ନିଶ୍ଚୟ ଜଣାନ୍ତୁ। ଏହା ବ୍ୟତୀତ ସେମାନଙ୍କ ପରାମର୍ଶ ବି ଗ୍ରହଣ କରନ୍ତୁ। କୌଣସି ସ୍ଥାନରେ ଯଦି ପାସୱାର୍ଡ ଦେଉଛନ୍ତି ତା'ହେଲେ ସହଜରେ ଜାଣି ହେଉଥିବାଭଳି କୌଣସି ସଂଖ୍ୟା କିମ୍ବା ନମ୍ବର ଦିଅନ୍ତୁ ନାହିଁ। ବରଂ ଅଭିଭାବକଙ୍କ ପରାମର୍ଶ ନେଇ କିଛି ଅକ୍ଷର ସହିତ କିଛି ନମ୍ବର ମିଶାଇ ଏଭଳି ଏକ ଶବ୍ଦ କରନ୍ତୁ ଯାହାକୁ ସହଜରେ କେହି ମନେରଖିପାରିବେ ନାହିଁ।

**ଲେଖିବା ପୂର୍ବରୁ ଭାବିବା:** ସୋସିଆଲ ମିଡିଆରେ କୌଣସି ଜିନିଷ ପୋଷ୍ଟ କରିବା ପୂର୍ବରୁ ସେନେଇ ଭଲଭାବେ ଚିନ୍ତା କରନ୍ତୁ। ଉଭୟ ଭଲମନ୍ଦ ଦିଗକୁ ନେଇ ତର୍ଜମା କରିବା ପରେ ହିଁ ପୋଷ୍ଟ କରନ୍ତୁ। ହଠାତ୍ ପ୍ରତିକ୍ରିୟାଶୀଳ ହୋଇ କିଛି ଲେଖା, ଫଟୋ କିମ୍ବା ଭିଡିଓ ପୋଷ୍ଟ କରନ୍ତୁ ନାହିଁ। ଥରେ ସୋସିଆଲ ମିଡିଆରେ ପୋଷ୍ଟ ହୋଇଯିବା ପରେ ତାକୁ କଣ୍ଟ୍ରୋଲ କରିବା କଷ୍ଟକର ହୋଇଥାଏ। ତେଣୁ କୌଣସି ପୋଷ୍ଟ କରିବା ପୂର୍ବରୁ ସବୁ ଦିଗ ପ୍ରତି ଭଲଭାବେ ବିଚାର କରନ୍ତୁ।



**ସ୍କ୍ରିନ୍ ଟାଇମ୍:** ଅଧିକ ସମୟ ଇଣ୍ଟରନେଟ୍ ବ୍ୟବହାର କରୁଥିଲେ ପିଲାଙ୍କ କ୍ଷେତ୍ରରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦିଏ ଓ ପାଠ ପଢ଼ା ଉପରେ ମଧ୍ୟ ପ୍ରଭାବ ପଡିଥାଏ। ତେଣୁ ଇଣ୍ଟରନେଟ୍ ବ୍ୟବହାର କରୁଥିଲେ ସମୟକୁ ନେଇ ସଚେତନ ରୁହନ୍ତୁ। ଅଫ୍‌ଲାଇନ୍ ଆକ୍ଟିଭିଟି ଯେମିତିକି ଖେଳକୁଦ କରିବା, ବହି ପଢ଼ିବା କିମ୍ବା କିଛି କ୍ରିଏଟିଭ୍ ଆକ୍ଟିଭିଟି ପ୍ରତି ଦୃଷ୍ଟି ଦିଅନ୍ତୁ। ଫଳରେ ଆପେ ଆପେ ସ୍କ୍ରିନ୍ ଟାଇମ୍ କମ୍ ହୋଇଯିବ।

**ୱେବ୍‌ସାଇଟ୍ ଓ ଆପ୍:** କେଉଁସବୁ ୱେବ୍‌ସାଇଟ୍ ଓ ଆପ୍ ବ୍ୟବହାର କରୁଛନ୍ତି ସେନେଇ ଅଭିଭାବକଙ୍କୁ ଜଣାନ୍ତୁ। କାରଣ ଏଭଳି କିଛି ଆପ୍ ରହିଛି ଯାହାକୁ ବ୍ୟବହାର କରିବା ସମୟରେ ବିଭିନ୍ନ ପ୍ରକାରର ସମସ୍ୟା ସୃଷ୍ଟି ହୋଇଥାଏ। ତେଣୁ ଅଭିଭାବକଙ୍କୁ ପ୍ୟାରେଣ୍ଟାଲ୍ କଣ୍ଟ୍ରୋଲ ସଫ୍ଟୱେର ବ୍ୟବହାର କରିବାକୁ କୁହନ୍ତୁ। ଯେପରି ତୁମମାନଙ୍କ ଅନ୍‌ଲାଇନ୍ ଆକ୍ଟିଭିଟି ଉପରେ ଅଭିଭାବକଙ୍କ ନଜର ରହିପାରିବ। କୌଣସି ସମୟରେ ଆବଶ୍ୟକ ହେଲେ ଭୁଲ୍ ଜିନିଷକୁ ସେମାନେ ହଠାତ୍ ବ୍ଲକ କରିପାରିବେ।

**ଖୋଲା କଥାବାର୍ତ୍ତା:** ଇଣ୍ଟରନେଟ୍ ବ୍ୟବହାର ସମ୍ପର୍କରେ ଯଦି କୌଣସି ସମୟରେ ମାତାପିତା କିଛି ପ୍ରଶ୍ନ କରୁଛନ୍ତି ତେବେ ସେନେଇ ସବୁ ସତ କଥା ହିଁ କୁହନ୍ତୁ। କୌଣସି କଥା ଲୁଚାନ୍ତୁ ନାହିଁ। ଏପରି ହେଲେ ପ୍ରତ୍ୟେକ ପରିସ୍ଥିତିରେ ଅଭିଭାବକଙ୍କର ପରାମର୍ଶ ନେଇହେବ। ଏହା ସହିତ କୌଣସି ପ୍ରକାରର ଅପରିଚିତ ଲିଙ୍କ୍ ଅଥବା କିଛି ଅପରିଚିତ ଫାଇଲ୍ ଇଣ୍ଟରନେଟ୍‌ରେ ଦେଖିଲେ ହଠାତ୍ ତାହାକୁ ଖୋଲନ୍ତୁ ନାହିଁ।



## ଶିଶୁ ପ୍ରତିଭା

ନୀତିନ୍‌ଜିତ୍ ସାହୁ



# ଆଇଏଏସ ହେବାକୁ ଲକ୍ଷ୍ୟ ରଖିଛି

ପିଲାଦିନରୁ ତାଙ୍କ ମନରେ ଲେଖାଲେଖି ପ୍ରତି ଆଗ୍ରହ ସୃଷ୍ଟି ହୋଇଥିଲା। ଯେତେବେଳେ ସେ ପଞ୍ଚମ ଶ୍ରେଣୀରେ ପଢୁଥିଲେ ସେତେବେଳେ ତାଙ୍କ ମନକୁ ଏକ କଥା ଆନ୍ଦୋଳିତ କଲା। ୟୁପିଏସ୍‌ସି ବା ପ୍ରଶାସନିକ ଅଧିକାରୀ ହେବାକୁ ଦିଆଯାଉଥିବା ପରୀକ୍ଷା ଉପରେ ସେ ଏକ ପୁସ୍ତକ ରଚନା କରିବାକୁ ମନସ୍ଥ କଲେ। ଆଉ ଏତେ କମ୍ ବୟସରେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଲେଖି ସାଉଁଟିପାରିଲେ ଅନେକ ପ୍ରଶଂସା। ସେ ହେଲେ ନୀତିନ୍‌ଜିତ୍ ସାହୁ। ବର୍ତ୍ତମାନ ସେ ଭଦ୍ରକସ୍ଥିତ ଏସ୍‌ବିଡି ଇଣ୍ଟର ନ୍ୟାଶନାଲ ସ୍କୁଲ୍‌ର ସପ୍ତମ ଶ୍ରେଣୀର ଛାତ୍ର। ଏଭଳି ଉଦ୍ୟମ କରିବା ଏବଂ ସେଥିରେ ସଫଳ ହେବା ବିଷୟରେ ସେ କହନ୍ତି, ''ଏଭଳି ଏକ କଥା ମୋ ମନକୁ ଆସିବା ପରେ ଥରେ ମୁଁ ମୋ ପାପା ଭାସ୍କର ଚନ୍ଦ୍ର ସାହୁଙ୍କୁ କହିଥିଲି। ସେ ମୋତେ ଉତ୍ସାହିତ କରିଥିଲେ। ତା'ସହ ମାମା ରଚିତା ଏହି କ୍ଷେତ୍ରରେ ଛାଇ ହୋଇ ମୋ ପଛରେ ଠିଆ ହୋଇଥିଲେ। ମୋ ରଚିତ 'ଦ ଲାଷ୍ଟ ଏକ୍‌ଜାମ' (The Last Exam) ଭଳି ଏକ ମୋଟିଭେଶନାଲ ପୁସ୍ତକ ୟୁପିଏସ୍‌ସି ପରୀକ୍ଷାର୍ଥୀଙ୍କୁ ନିଶ୍ଚୟ କେତେକାଂଶରେ ସହାୟକ ହେବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। ଏହି ଲେଖାଲେଖି ଅଭ୍ୟାସ ଆଗକୁ ଜାରି ରଖିବି।''

ଭଦ୍ରକ ଜିଲା ବାଙ୍ଗୋରପଦୀ ଅନ୍ତର୍ଗତ ବନ୍ତରେ ତାଙ୍କର ଜନ୍ମ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏତେ କମ୍ ବୟସରେ ସେ ନିଜ ନାମକୁ ଜଣେ କନିଷ୍ଠ ଲେଖକ ଭାବରେ ଇଣ୍ଟରନ୍ୟାଶନାଲ ବୁକ୍ ଅଫ ରେକର୍ଡସରେ ସ୍ଥାନିତ କରିବାରେ ସକ୍ଷମ ହୋଇଛନ୍ତି। ତାଙ୍କର ପ୍ରତିଭା ଏତିକିରେ ସୀମିତ ହୋଇ ରହିନାହିଁ। ସେ ପାଠପଢ଼ାରେ ମଧ୍ୟ କିଛି କମ୍ ନୁହନ୍ତି। ବିଭିନ୍ନ ଅଲମ୍ପିଆଡ୍ ପରୀକ୍ଷାରେ ମଧ୍ୟ ଭାଗ ନେଇ ଭଲ ର୍ୟାଙ୍କର ଅଧିକାରୀ ହୋଇଛନ୍ତି । ପ୍ରତିଦିନ ଗୀତା ପଢ଼ିବାର ଅଭ୍ୟାସ ତାଙ୍କର ମାମା ତାଙ୍କୁ ଶିଖାଇଥିଲେ। କେବଳ ସେତିକି ନୁହେଁ, ପ୍ରକୃତିର ବିଭିନ୍ନ ଦୃଶ୍ୟରାଜିକୁ ସେ ଚିତ୍ର ମାଧ୍ୟମରେ ଆଙ୍କିବାକୁ ଭଲ ପାଆନ୍ତି। ବର୍ତ୍ତମାନ ସେ ବିଭୂତି ଭୂଷଣ ସାହୁଙ୍କ ନିକଟରୁ ଚିତ୍ରାଙ୍କନ ଏବଂ ସୁଧୀର କୁମାର ଦାସଙ୍କ ଠାରୁ ସଙ୍ଗୀତ ଶିକ୍ଷା ଜାରି ରଖିଛନ୍ତି। ଭବିଷ୍ୟତରେ ଆଇଏଏସ ଅଫିସର ହୋଇ ଦେଶ ସେବା କରିବାକୁ ଲକ୍ଷ୍ୟ ରଖିଛନ୍ତି ଏହି ପ୍ରତିଭା।

-ମହାଶ୍ୱେତା ନାୟକ



୧

ସ୍ୱସ୍ତିକ ସ୍ୱରୂପ ସେନାପତି

କ୍ଲାସ- ୪, ଡ୍ରିମ୍ ଇଣ୍ଡିଆ ପବ୍ଲିକ ସ୍କୁଲ, କେନ୍ଦ୍ରାପଡା



୨

ପ୍ରିୟାଂଶି ନାୟକ

କ୍ଲାସ- ୫, ବାଡିଲ ନୋଡାଲ ବିଦ୍ୟାଳୟ, ରାଜସ, ଖୋର୍ଦ୍ଧା



୩

ଦେବହୁତି ବରଦାଲକ୍ଷ୍ମୀ ରାଉତ

କ୍ଲାସ- ୨, ଦୀପ୍ତି କନଭେଣ୍ଟ ସ୍କୁଲ, ରାୟଗଡ଼ା



୪

ଶିବମ୍ ସୁବୁଦ୍ଧି

କ୍ଲାସ- ୯, ମହାବିନାୟକ ବିଦ୍ୟାୟନ, ବଡଚଣା, ଯାଜପୁର



୫

ସୁନୈନା କର

କ୍ଲାସ-୨, ଲବକୁଶ ବିଦ୍ୟାମନ୍ଦିର, ଦଧିବାମନପୁର, କଟକ



୬

ସ୍ୱାତୀପ୍ରଜ୍ଞା ପ୍ରିୟଦର୍ଶିନୀ ନାୟକ

କ୍ଲାସ- ୭, ଗୋପବନ୍ଧୁ ହାଇସ୍କୁଲ, ରାଜସ, ଖୋର୍ଦ୍ଧା



୭

ଉପମିତା ଦାସ

କ୍ଲାସ୍-୪, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଯାଜପୁର



୮

ଘନିଶ କୁମାର ବେହେରା

କ୍ଲାସ- ୧, ପବ୍ଲିକ ସ୍କୁଲ, ଛତ୍ରପୁର, ଗଞ୍ଜାମ



୯

ଜୟେଶ ତ୍ରିପାଠୀ


କ୍ଲାସ-୨, ଓଡିଏମ୍ ଇଣ୍ଟର ନ୍ୟାସନାଲ ସ୍କୁଲ, ଅମଲାପଡା, ଅନୁଗୋଳ



୧୦

ପ୍ରତୀତା ପ୍ରିୟଦର୍ଶିନୀ

କ୍ଲାସ-୪, ଶ୍ରୀ ଜୟଦେବ ଇଣ୍ଟରନ୍ୟାସନାଲ ସ୍କୁଲ, ଭୁବନେଶ୍ୱର



୧



୨



୩



୪



୫




୬



୭



୮



୯



୧୦

# କାର୍ ଭିତରେ ୨୯ ଜଣ




ଗୋଟିଏ କାର୍ ଭିତରେ ୨୯ଜଣ ଲୋକ ଥରକେ ବସି ଯାଇପାରିବା କଥା କେବେ ଶୁଣିଛନ୍ତି! ଏଭଳି ଏକ କଥା ଶୁଣିବା ପାଇଁ ଅଜବ ମନେ ହୋଇପାରେ। ହେଲେ ଏପରି ଦୃଶ୍ୟ ଦେଖିବାକୁ ମିଳିଥିଲା ଚାଇନାରେ। ଚାଇନାର ଜିୟା ଲେଇ ଓ ମିନି ଚାଇନା ମିଳିତଭାବେ ଏମିତି ଏକ କାମ କରିଥିଲେ। ଏକ ମିନି କୁପର କାର୍ ଭିତରେ ଉଭୟ ୨୯ ଜଣଙ୍କୁ ନେଇ ଯାତ୍ରା କରିପାରିଥିଲେ। ଗୋଟିଏ କାର୍ ଭିତରେ ଏକ ସମୟରେ ଏତେ ସଂଖ୍ୟାରେ ଲୋକ ଆଶ୍ଚର୍ଯ୍ୟଜନକଭାବେ ଆଡଜଷ୍ଟ କରିଥିଲେ। ପ୍ରଥମେ କାର୍ ଭିତରେ ବଡ଼ ଲୋକଙ୍କ ଉପରେ ଛୋଟ ପିଲାମାନେ ବେଶ୍ ସୁନ୍ଦରଭାବରେ ଆଡ୍‌ଜଷ୍ଟ ହୋଇ ବସି ଯାଇଥିଲେ। ଏହାପରେ କାର୍ ଡିକି ଭିତରେ ମଧ୍ୟ କିଛି ଲୋକ ଯାଇ ଶୋଇ ପଡିଥିଲେ। ଏହାପରେ ପରସ୍ପର ଉପରେ ବେଶ୍ ସୁନ୍ଦରଭାବରେ ଆଡ୍‌ଜଷ୍ଟ କରି ରହି ଯାଇଥିଲେ ମୋଟ ୨୯ ଜଣ। ୨୦୧୪ ମସିହାରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ଏଥିପାଇଁ ଜିୟା ଓ ମିନିଙ୍କୁ ଗିନିଜ୍ ରେକର୍ଡରେ ସ୍ଥାନ ମିଳିଥିଲା।

## ଏଥରର

- କିଏ ଆମେରିକା ଆବିଷ୍କାର କରିଥିଲେ ?
- ମୌର୍ଯ୍ୟ ସାମ୍ରାଜ୍ୟର ପ୍ରଥମ ଶାସକଙ୍କ ନାମ ?
- ‘ଦି ଗଡ୍ ଅଫ୍ ସ୍ମଲ୍ ଥିଙ୍ଗ୍ସ’ ଲେଖିଥିବା ଭାରତୀୟ ଲେଖିକାଙ୍କ ନାମ ?
- ଦି ବାର୍ଡ ଅଫ୍ ଆଭୋନ୍ କାହାକୁ କହନ୍ତି ?
- ‘ଦି ଜଙ୍ଗଲ୍ ବୁକ୍’ କିଏ ଲେଖିଛନ୍ତି ?

## ଗତଥରର ଉତ୍ତର

- ଆରବ ସାଗର ଓ ବଙ୍ଗୋପ ସାଗର
- ପ୍ରଶାନ୍ତ ମହାସାଗର
- ଏସିଆ
- ସିଂହ
- ବାଘ



## କହିଲ ଦେଖି

ଭାରତ ମାତାର ବୀର ସନ୍ତାନ
ତାଙ୍କ ପାଇଁ ଝୁରେ ସର୍ବ ପରାଣ
ବାପୁଙ୍କ ନୀତିକୁ କରି ପାଳନ
କରିଥିଲେ ସିଏ ମୁକ୍ତି ସଂଗ୍ରାମ
ଗୋରା ଦେଇଥିଲେ କେତେ କଷଣ
କାରାବାସେ କଟିଥିଲା ଜୀବନ
ଦେଶ ହୋଇଲା ସ୍ୱାଧୀନ
ପ୍ରଥମ ପ୍ରଧାନ ମନ୍ତ୍ରୀ ହୋଇଥିଲେ
କୁହ ଦେଖି ତାଙ୍କ ନାମ।

ଉତ୍ତର– **ଜବାହରଲାଲ ନେହେରୁ**



ଚାଚା ନେହେରୁଙ୍କ ଜନ୍ମ ଦିବସ
ପାଳନ୍ତି ସଭିଏ ହୋଇ ହରଷ
ଶିଶୁଙ୍କ ସ୍ୱଭାବ ଧରି ପରାଣେ
ଖେଳୁଥିଲେ ସିଏ ଶିଶୁ ଗହଣେ
ତାଙ୍କ ଜନ୍ମଦିନ ଯେବେ ଆସଇ
ଶିଶୁଙ୍କ ମୁହଁରେ ହସ ଫୁଟଇ
ସାରା ଭାରତରେ ହୁଏ ପାଳିତ
ନଭେମ୍ବର ମାସ ଚଉଦ ତାରିଖ
କେଉଁ ଦିବସରେ କୁହ ନାମିତ।

ଉତ୍ତର– **ଶିଶୁଦିବସ**



ଫୁଲଟିଏ ସିଏ ଭାରି ସୁନ୍ଦର
ମନ କିଣେ ତା’ର ରୂପ ସମ୍ଭାର
ଶ୍ୱେତ ନାଲି ଅବା ଗୋଲାପି ରଙ୍ଗେ
ସାଜସଜା ଫୁଲ ତୋଡ଼ାରେ ଲାଗେ
ତା’ଡାଳରେ ଥାଏ କଣ୍ଟା ବହୁତ
ଚାଚା ନେହେରୁଙ୍କ ପ୍ରିୟ ଫୁଲ ସିଏ
କହି ପାରିବକି ତା’ନାମ ମିତ

ଉତ୍ତର– **ଗୋଲାପ ଫୁଲ**



ମଗୁଶିର ମାସ କୃଷ୍ଣ ପକ୍ଷରେ
ପର୍ବଟିଏ ଆସେ ଆମ ରାଜ୍ୟରେ
ନୂଆ ବସ୍ତ୍ର ପିନ୍ଧେ ଜ୍ୟେଷ୍ଠ ସନ୍ତାନ
ପୂଜା ବିଧି ତା’ର ହୁଏ ପାଳନ
ମାନ ସମ୍ମାନର ପରବ ସିଏ
ଏଣ୍ଡୁରି ପିଠାର ବାସ ମହକଇ
ଏବେ କୁହ ତା’ର ନାମଟି କିଏ।

ଉତ୍ତର– **ପ୍ରଥମାଷ୍ଟମୀ**



**– ରାମଚନ୍ଦ୍ର ବେହେରା**
ତେନ୍ତୁଳିପଦା, ଜଗତ୍‌ସିଂହପୁର
ମୋ: ୭୩୫୫୬୩୪୩୪୬



## ଶିଶୁଦିବସ

ଆସୁଛି ଆସୁଛି ଆସୁଛିରେ ପିଲେ
ଶିଶୁଦିବସଟି ଆସୁଛି,
ନଭେମ୍ବର ମାସ ତାରିଖ ଚଉଦ
ମହମହ ହୋଇ ବାସୁଛି।
ସଭିଏ ଜାଣନ୍ତି ଚାଚା ନେହେରୁଙ୍କ
ଏ ପରା ଜନମ ଦିନଟି,
ଶିଶୁଙ୍କ ପାଇଁଟି ଶରଧା ତାଙ୍କର
ଆଜିବି ଅଲିଭା ଚିହ୍ନଟି।
ଶିଶୁମାନଙ୍କର ସେ ଥିଲେ ତ ମିତ
ଦେଉଥିଲେ ହସ ଓଠରେ,
ଶିଶୁଙ୍କ ହସରେ ଏ ଦୁନିଆ ହସେ
କହୁଥିଲେ ଖୋଲା କଣ୍ଠରେ।
ଆଜିର ଯେ ଶିଶୁ କାଲି ନାଗରିକ
ଭୁଲିବାନି ଏଇ କଥାଟି,
ସୁବିଧାସୁଯୋଗ ଅଜାଡ଼ିଲେ ହାତେ
ଚାଲୁଥିବେ ଟେକି ମଥାଟି।
ଶିଶୁଙ୍କ ବିକାଶେ କାମ କରିବାକୁ
ସଭିଏ ଶପଥ ନେବାଟି,
କଷଣ,ଶୋଷଣ ଦୂରକରି ଯେତେ
ସେନେହେ କୋଳେଇ ନେବାଟି।

**– ଶରତ କୁମାର ଦାସ**
ମୋ: ୮୨୪୯୧୩୭୦୯୧

## ପ୍ରଥମାଷ୍ଟମୀ

ଚାହୁଁ ଚାହୁଁ ଦେଖ କାର୍ତ୍ତିକ ସରିଲା
ଆସି ହେଲା ମଗୁଶିର
ଧର୍ମର ଡଙ୍ଗାକୁ ପାଣିରେ ଭସାଇ
ପୁଣ୍ୟ କଲେ ନାରୀ ନର।
ପାଚିଲା କ୍ଷେତରେ ମା’ ଉଭା ହେବେ
ଘରେ ଘରେ ଝୋଟି ଚିତା
କୋଟି ଓଡ଼ିଆଙ୍କ ଭଣ୍ଡାର ପୂରିବ
କୃପା କଲେ ସିନ୍ଧୁ ସୂତା।
ବାର ମାସେ ତେର ପରବ ପାଳଇ
ମାଆ ମୋର ଓଡ଼ିଆଣୀ
ଜ୍ୟେଷ୍ଠ ସନ୍ତାନକୁ ଶ୍ରେଷ୍ଠ ମଣିଥାଏ
ଆମରି ସଂସ୍କୃତି ପୁଣି।
ଆଜି ଆସ ଆମେ ଶପଥ ନେବାରେ
ଭୁଲିବାନି ପରମ୍ପରା
ପ୍ରଥମାଷ୍ଟମୀରେ ମଉଜ କରିବା
ସାଙ୍ଗ ସାଥୀ ମେଳେ ପରା।

**– ବ୍ରହ୍ମମୟୀ ମିଶ୍ର**
ମୋ: ୯୪୩୭୮୫୩୬୩୭

## କ ବି ତା

## ଦେବଶିଶୁ

ତୁମର ହସ ଫୁଲର ବାସ
ମହକେ ସାରା ଧରା,
ତୁମେ ଦେଶର ଶିଶୁ ସନ୍ତାନ
ଭାଗ୍ୟ ବିଧାତା ପରା।

ତୁମ ଭିତରେ ଶକତି ବଳ
ବହୁତ ଅଛି ଭରି,
ଜଗତ ପାଇଁ କାମ କରିଲେ
ଝରିବ ସୁଖଶିରୀ।

ଧରାଧାମକୁ ଆସିଛ ତୁମେ
ପ୍ରଭୁଙ୍କ ଆଶିଷରେ,
ତୁମେ ଆଶାର ଆଲୋକ ଝର
ଅସୀମ ଅନ୍ଧକାରେ।
ତୁମରି ପାଇଁ ପିତାମାତାଙ୍କ
ହୃଦୟ ଦ୍ୱାର ଖୋଲା,
ସଫଳ ହେବ ସକଳ କାମେ
ହୋଇଲେ ସୁନାପିଲା।

ଦେବଶିଶୁର ରୂପ ରଙ୍ଗରେ
ହୋଇଛି ତୁମ ସୃଷ୍ଟି,
ତୁମେ ପରା ଏ ଦିବ୍ୟ ସଂସାରେ
ଅମୂଲ୍ୟ ରତ୍ନ ଭେଟି।

**– ସୁଜିତ କୁମାର ମିଶ୍ର**
ମୋ: ୭୬୮୩୮୬୭୭୪୨

# ଶୀତରେ ଦେଖାଯାଆନ୍ତିନି ସାପ



ସାଧାରଣତଃ ଶୀତ ଦିନରେ ସାପ ଦେଖିବାକୁ ମିଳି ନ ଥାନ୍ତି। ଏହାର କାରଣ କ’ଣ ହୋଇପାରେ ? ଯେତେବେଳେ ଶୀତ ଋତୁ ଆରମ୍ଭ ହୁଏ ସେତେବେଳେ ସେମାନେ ଶୀତନିଦ୍ରାରେ ଶୋଇଯାନ୍ତି। ସେମାନଙ୍କର ଶରୀରରେ ମେଟାବଲିଜିମ ବଢ଼ିଯିବାରୁ ଗତି ଶିଥିଳ ହେବାକୁ ଲାଗେ। ଏହି ସମୟରେ ଏମାନେ ଅଧିକ ଖାଦ୍ୟ ଖାଇ ନ ଥାନ୍ତି ଏଥିସହିତ ତାଙ୍କର ଶ୍ୱାସକ୍ରିୟା ମଧ୍ୟ ଧୀର ହୋଇଯାଏ। ଯାହାଫଳରେ ସେମାନେ ବିନା ଖାଦ୍ୟରେ ଅଧିକ ସମୟ ପର୍ଯ୍ୟନ୍ତ ଜୀବିତ ରହିଥାନ୍ତି। ଯେଉଁକାରଣରୁ ସାପର ମାଂସପେଶୀ ଗୁଡିକ ଏତେଟା ସକ୍ରିୟ ରହି ନ ଥାଏ। ଶୀତଦିନ ଆରମ୍ଭ ହେବା ପୂର୍ବରୁ ଏମାନେ ତାଙ୍କର ସୁରକ୍ଷିତ ଏବଂ ସ୍ଥିର ଘର ସନ୍ଧାନରେ ବାହାରି ପଡିଥାନ୍ତି। ସେମାନେ ଏମିତି ଏକ ଆଶ୍ରୟ ସ୍ଥଳ ଖୋଜନ୍ତି ଯେଉଁଠାରେ ସେ କିଛି ଦିନ ନିର୍ଦ୍ଦିଷ୍ଟ ଭାବେ ରହିପାରିବେ। ଶୀତଦିନେ ଏମାନେ ପ୍ରାୟ ଏକାଠି ରହିଥାନ୍ତି କାରଣ ଏହାଦ୍ୱାରା ସେମାନେ କିଛି ପରିମାଣର ଉଷ୍ମତା ଅନୁଭବ କରନ୍ତି।





# ସଫା ନଦୀ

ଆମ ଦେଶରେ ଅନେକ ନଦୀ ପ୍ରବାହିତ। ଏହାକୁ ହିନ୍ଦୁ ଧର୍ମରେ ମା’ ଭାବରେ ପୂଜନ କରାଯିବାର ପରମ୍ପରା ରହିଆସିଛି। ସଂଖ୍ୟା ଦୃଷ୍ଟିରୁ ଦେଖିବାକୁ ଗଲେ ଭାରତରେ ପ୍ରାୟ ହଜାରରୁ ଅଧିକ ନଦୀ ରହିଛି। ସେଗୁଡିକ ମଧ୍ୟରେ ପ୍ରମୁଖ ହେଲା– ଗଙ୍ଗା, ଯମୁନା, ସିନ୍ଧୁ, ବ୍ରହ୍ମପୁତ୍ର, ଗୋଦାବରୀ, ମହାନଦୀ, କୃଷ୍ଣା, ନର୍ମଦା ଓ ତାପ୍ତି। ଆସନ୍ତୁ ଜାଣିବା ଭାରତର ସବୁଠାରୁ ସଫା ନଦୀ କାହାକୁ କୁହାଯାଏ। ମେଘାଳୟରେ ପ୍ରବାହିତ ଉମନଗୋଟ ନଦୀକୁ ଭାରତର ସବୁଠାରୁ ସଫା ନଦୀ ବୋଲି କୁହାଯାଏ। ନଦୀଟି ସଫା ପାଣି ଲାଗି ବେଶ୍ ପରିଚିତ। ଉକ୍ତ ନଦୀରେ ପାଣି ଏତେ ସ୍ୱଚ୍ଛ ହୋଇଥାଏ ଯେ, ଯେତେବେଳେ କୌଣସି ଡଙ୍ଗା ପାଣି ଉପର ଦେଇଚାଲେ ସତେ ଯେମିତି ଲାଗେ ଡଙ୍ଗାଟି ପାଣିରେ ନୁହେଁ ପବନରେ ଭାସୁଛି। ଏହି ନଦୀଟି ଶିଲଙ୍ଗରୁ ପାଖାପାଖି ୧୦୦ କିଲୋମିଟର ଦୂରରେ ଅବସ୍ଥିତ।

# ପୃଥିବୀର ସବୁଠାରୁ ଥଣ୍ଡା ସ୍ଥାନ

ଆମ ପୃଥିବୀରେ ବାୟୁମଣ୍ଡଳର ଅନେକ ରୂପ ଦେଖିବାକୁ ମିଳିଥାଏ। କେଉଁଠି ମରୁଭୂମି ପୁଣି କେଉଁଠି ବରଫ ପାହାଡ। ଏମିତିରେ ଆସନ୍ତୁ ଜାଣିବା ଦୁନିଆର ସବୁଠାରୁ ଥଣ୍ଡା ସ୍ଥାନ ବିଷୟରେ। ରୁଷିଆର ଓଇମାକୋନ୍ ହେଉଛି ପୃଥିବୀର ସବୁଠାରୁ ଥଣ୍ଡା ସ୍ଥାନ ମଧ୍ୟରୁ ଅନ୍ୟତମ। ଏଠାରେ ଶୀତଦିନର ତାପମାତ୍ରା ପ୍ରାୟ –(ମାଇନସ୍)୫୦ଡିଗ୍ରୀ ରହିଥାଏ। ଏହି ସ୍ଥାନରେ ପ୍ରାୟ ୫୦୦ଲୋକ ବସବାସ କରୁଛନ୍ତି। ରୁଷିଆର ସାଇବେରିଆ ସ୍ଥିତ ଓଇମାକୋନ୍ ସବୁଠାରୁ ଥଣ୍ଡା ସ୍ଥାନ ଯେଉଁଠି ଜନବସତି ଦେଖିବାକୁ ମିଳିଥାଏ। ଉକ୍ତ ସ୍ଥାନଟିକୁ ‘ପୋଲ ଅଫ୍ କୋଲ୍ଡ’ କୁହାଯାଏ। ଶୀତଦିନ ଆସିଲେ ଏହି ସ୍ଥାନଟିର ତାପମାନ ବହୁତ ନିମ୍ନଗାମୀ ହେବାକୁ ଲାଗେ। ଯେଉଁ କାରଣରୁ ଏଠାରେ ବଞ୍ଚି ରହିବା ବହୁତ କଷ୍ଟକର ହୋଇଥାଏ।

# ସିଂହର ଖାଦ୍ୟ



ଜଙ୍ଗଲର ଅନ୍ୟତମ ଶିକାରୀ ପ୍ରାଣୀ ଭାବରେ ସିଂହ ପରିଚିତ। କୌଣସି ପ୍ରାଣୀ ସିଂହର ଭୋକିଲା ଆଖିରୁ ବର୍ତ୍ତିପାରନ୍ତି ନାହିଁ। ତେଣୁ ଜଙ୍ଗଲର ଅନ୍ୟ ପଶୁମାନେ ସିଂହଠାରୁ ଯଥେଷ୍ଟ ଦୂରତାରେ ଚଳପ୍ରଚଳ ହୁଅନ୍ତି। ବିଶେଷଭାବରେ ଏହି ପ୍ରାଣୀ ଶାକାହାରୀ ପ୍ରାଣୀଙ୍କୁ ଶିକାର କରିଥାଏ। ହେଲେ ଅନେକ ସମୟରେ ଅନ୍ୟ ପ୍ରାଣୀ ଶିକାର କରିଥିବା ଶିକାରକୁ କୌଶଳରେ ଝାମ୍ପି ନେଇ ବେଶ୍ ଆରାମରେ ଖାଏ। ଏଥିରୁ ତାକୁ ବହୁତ ଆନନ୍ଦ ମିଳିଥାଏ। ହେଲେ ସିଂହ କେବେ ନିଜ ସମ୍ପ୍ରଦାୟର ପ୍ରାଣୀ ଅର୍ଥାତ୍ ସିଂହକୁ ଶିକାର କରି ନ ଥାଏ। ଏହାବ୍ୟତୀତ ହେଟାବାଘ ପ୍ରାଣୀର ମାଂସ ଜୀବାଣୁଯୁକ୍ତ ହୋଇଥିବାରୁ ସିଂହ ଏହାକୁ କେବେ ଶିକାର କରେନା। ଗୋଟିଏ ସିଂହକୁ ଦିନକୁ ପାଖାପାଖି ୫–୭ କିଗ୍ରା ମାଂସ ଦରକାର। କିନ୍ତୁ ଯଦି ତାକୁ ତା ମନ ପସନ୍ଦର ମାଂସ ମିଳିଗଲା, ତେବେ ସେ ଏହାଠାରୁ ଅଧିକ ଖାଇଥାଏ। ସିଂହ ଶିକାର ପାଇଁ ଚାରିଆଡ଼େ ଘୂରି ବୁଲି ନ ଥାଏ। ଗୋଟିଏ ସ୍ଥାନରେ ଶୋଇ ସେ ତାହାର ଭୋକିଲା ଆଖିକୁ ଚାରିଆଡ଼େ ଘୂରାଇ ଶିକାରକୁ ଠାବ କରିଥାଏ।

# ଆ ଇ ନା



ସ୍ତୁତୀମୟୀ ନାଥ
୪ ବର୍ଷ/ ଅନୁଗୋଳ



ଶ୍ରୀ ଦିବ୍ୟଲକ୍ଷ୍ମୀ
୮ ବର୍ଷ/ଭୁବନେଶ୍ୱର